ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ମାର୍ଚ୍ଚ ୮ରେ ସରିବ ହସ୍ତଶିଳ୍ପ ପ୍ରଦର୍ଶନୀ

## ହସ୍ତଶିଳ୍ପ ମେଳାରେ ସାମଗ୍ରୀ ପ୍ରସ୍ତୁତିର ପ୍ରତ୍ୟକ୍ଷ ପ୍ରଦର୍ଶନ

ଭୁବନେଶ୍ୱର, ୦୭/୦୩/୨୦୨୦

ଓଡ଼ିଶା ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ମାର୍ଚ୍ଚ ୨ ତାରିଖଠାରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି ।

ଏହି ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୧୦ଟି ଷ୍ଟଲ୍‌ରେ ୨୨ଟି ଜିଲ୍ଲାର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ହେଉଛି । ପ୍ରଦର୍ଶନୀର ମଧ୍ୟଭାଗରେ ହସ୍ତଶିଳ୍ପ ସାମଗ୍ରୀର ପ୍ରସ୍ତୁତି ପ୍ରଣାଳିର ପ୍ରତ୍ୟକ୍ଷ ପ୍ରଦର୍ଶନ ସହିତ ସାମଗ୍ରୀ ଉପରେ ହସ୍ତଶିଳ୍ପ କାରିଗର ଓ ଶିଳ୍ପୀମାନେ ସବିଶେଷ ତଥ୍ୟ ପ୍ରଦାନ କରୁଛନ୍ତି । ଏହି ପ୍ରତ୍ୟକ୍ଷ ପ୍ରଦର୍ଶନରେ ରହିଛି ଧାନରେ ତିଆରି ହସ୍ତଶିଳ୍ପ, ଜନଜାତି ଅଳଙ୍କାର, ପଥର ଖୋଦେଇ, କାଠ ଖୋଦେଇ କାରୁକାର୍ଯ୍ୟ । ହସ୍ତଶିଳ୍ପ ପ୍ରଦର୍ଶନୀର ଷ୍ଟଲ୍‌ଗୁଡ଼ିକରେ ରଙ୍ଗବେରଙ୍ଗର ଲାଖଚୂଡ଼ି, ସୁନ୍ଦର କାରୁକାର୍ଯ୍ୟର ପିତ୍ତଳ ଘରସଜା ସାମଗ୍ରୀ, ହାତ ତିଆରି ଅଳଙ୍କାର, ତାରକସୀ ଅଳଙ୍କାର, ପେଣ୍ଟିଂ ଭଳି ହସ୍ତତିଆରି ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ରହିଛି ।

ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପ୍ରତ୍ୟହ ଦିନ ୨ଟା ଠାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହୁଛି । ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ